**ସୂଚିତ ଯୋଗ୍ୟ**

**ଭାରତର ସର୍ବୋଚ୍ଚ ନ୍ୟାୟାଳୟରେ**
**ଦେୱାନୀ ଆବେଦନ କ୍ଷେତ୍ରାଧିକାର**

**ଦେୱାନୀ ଆବେଦନ ସଂଖ୍ୟାଗୁଡିକ ୭୬୫୭ -୭୬୫୮ /୨୦୨୧**
(ବିଶେଷ ଅନୁମତି ଆବେଦନ (ଦେୱାନୀ) ସଂଖ୍ୟାଗୁଡିକ୧୬୩୧୬-୧୬୩୧୭/୨୦୧୯ ରୁ ଉପୂନ୍ନ)

**ଶାନ୍ତିଲତା ସେଠୀ ଏବଂ ଅନ୍ୟଜଣେ** **ଆବେଦନକାରୀମାନେ**

**ବନାମ**

**ମେସର୍ସ ଡିଭିଜନାଲ ମ୍ୟାନେଜର, ନ୍ୟୁ ଇଣ୍ଡିଆ** **ଉତ୍ତରଦାତାମାନେ**
**ଇଣ୍ଡିଆ ଆସ୍ୟୁରାନ୍ସ କମ୍ପାନୀ ଲିମିଟେଡ ଏବଂ ଅନ୍ୟଜଣେ**

**ରାୟ**

**ଡ. ଧନଞ୍ଜୟ ୱାଇ ଚନ୍ଦ୍ରଚୂଡ଼, ନ୍ୟାୟମୂର୍ତ୍ତି**

୧ ଅନୁମତି ପ୍ରଦାନ କରାଗଲା ।

୨ ୩୦ ନଭେମ୍ବର ୨୦୧୮ ମସିହାରେ ଏଫଏଓ ସଂଖ୍ୟା ୩୦୫/୨୦୧୬ ଏବଂ ୧ ଫେବୃଆରୀ ୨୦୧୯ ତାରିଖରେ ସମୀକ୍ଷା ଆବେଦନ ନଂ ୨୬୧/୨୦୧୮ରେ ଓଡ଼ିଶା ଉଚ୍ଚ ନ୍ୟାୟାଳୟର ଏକକ ନ୍ୟାୟାଧୀଶଙ୍କ ରାୟ ଉପରେ ଏହି ଆବେଦନ କରାଯାଇଛି ।

୩ ମାମଲାର ସତ୍ୟତା ନିମ୍ନରେ ଦିଆଗଲା: ମୃତ ଶ୍ରମିକ ଜଣକ, ଯିଏକି ଆବେଦନକାରୀଙ୍କ ପୁଅ, ଦ୍ୱିତୀୟ ଉତ୍ତରଦାତାଙ୍କ ଟ୍ରକରେ, ଯାହାର ପଞ୍ଜୀକରଣ ସଂଖ୍ୟା ଓଆର - ୦୪ ଏ ୧୨୨୫, ସହାୟକ ଭାବେ କାର୍ଯ୍ୟ କରୁଥିଲେ ଯିଏକି ତାଙ୍କର ନିଯୁକ୍ତିଦାତା ଥିଲେ । ଟ୍ରକ୍ ଟି ପ୍ରଥମ ପ୍ରତିବାଦୀ ସହିତ ବୀମାଭୁକ୍ତ ଥିଲା । ୨୦୦୪ ମସିହା ଅକ୍ଟୋବର ୩୦ ତାରିଖ ସକାଳ ୧୧ ଟାରେ ଟ୍ରକ୍ ଟି ପାରାଦୀପରୁ

ଯଦୁପୁରଗୋଡ଼ା ଯାଉଥିବା ବେଳେ ଚାଳକ ଜଣଙ୍କ ଚଣ୍ଡିଖୋଲକୁ ୩୦ ବ୍ୟାଗ ଚାଉଳ ନେଇ ଫେରିବା ପାଇଁ ଜଣେ ବ୍ୟକ୍ତିଙ୍କ ସହ ବୁଝାମଣା କରିଥିଲେ । ଚାଳକ ମୃତ ସହାୟକଙ୍କୁ ଟ୍ରକରୁ ଓହ୍ଲାଇ ଚାଉଳ ବୋଝେଇ କରିବା ପାଇଁ ଆବଶ୍ୟକ ବ୍ୟବସ୍ଥା କରିବାକୁ ନିର୍ଦ୍ଦେଶ ଦେଇଥିଲେ । ଟ୍ରକ୍ ଚାଳକ ଟ୍ରକ୍ ଉପରୁ ନିୟନ୍ତ୍ରଣ ହରାଇ ସହାୟକ କୁ ଧକ୍କା ଦେଇଥିଲା ଏବଂ ସେ ରାସ୍ତା କଡ଼ରେ ଥିବା ଏକ ଗଛରେ ପିଟି ହୋଇ ଯାଇଥିବାର ଅଭିଯୋଗ ହୋଇଛି । ଶ୍ରମିକଜଣକ ୧ ନଭେମ୍ବର ୨୦୦୪ ତାରିଖରେ କ୍ଷତ ଯୋଗୁଁ ପ୍ରାଣ ହରାଇଥିଲେ ।

୪ ଆବେଦନକାରୀମାନେ ଆୟୁକ୍ତ ଅଦାଲତ[1] ରେ ଏକ ଆବେଦନ ଦାଖଲ କରି ଶ୍ରମିକ କ୍ଷତିପୂରଣ ଅଧିନିୟମ ୧୯୨୩[2] ର ବ୍ୟବସ୍ଥା ଅନୁଯାୟୀ ୩,୦୦,୦୦୦ ଟଙ୍କାର କ୍ଷତିପୂରଣ ଦାବି କରିଥିଲେ । ଦୁର୍ଘଟଣା ସମୟରେ ମୃତକଙ୍କ ବୟସ ଥିଲା ଚବିଶ ବର୍ଷ ଏବଂ ତାଙ୍କୁ ମାସିକ ୨୪୦୦ ଟଙ୍କା ଦରମା ଦିଆଯାଉଥିଲା ଏବଂ ଖାଦ୍ୟ ଖର୍ଚ୍ଚ ପାଇଁ ପ୍ରତିଦିନ ୨୫ ଟଙ୍କା ଦିଆଯାଉଥିଲା । ଏହି ଅର୍ଥରାଶି ନିଯୁକ୍ତିଦାତା ଦ୍ୱାରା ସ୍ୱୀକାର କରାଯାଇଥିଲା । ଶ୍ରମିକଙ୍କ କ୍ଷତିପୂରଣ ଦାବି ର ଫଇସଲା ୨୯ ଫେବୃଆରୀ ୨୦୧୬ ରେ ହୋଇଥିଲା । ଏହା ଦେଖାଯାଇଛି ଯେ କର୍ମଚାରୀଙ୍କୁ ଚାକିରି ଅନୁଯାୟୀ ପ୍ରଦାନ କରାଯାଉଥିବା କୌଣସି ସ୍ୱତନ୍ତ୍ର ଖର୍ଚ୍ଚ ଆଇନର ଧାରା ୨(ଡ) ଅନୁଯାୟୀ 'ମଜୁରି' ଅର୍ଥ ରେ ଅନ୍ତର୍ଭୁକ୍ତ ହୋଇଛି । ତେଣୁ ଦୁର୍ଘଟଣା ସମୟରେ ସମୁଦାୟ ମାସିକ ମଜୁରି ୨୪୨୫/- ଟଙ୍କା ମାସ ହିସାବରେ ହିସାବ କରାଯାଇଥିଲା । ଅଧିନିୟମର ଧାରା ୪ ଅନୁଯାୟୀ, ଯେଉଁଠାରେ କୌଣସି ଶ୍ରମିକଙ୍କ ମୃତ୍ୟୁ ଆଘାତ କାରଣରୁ ହୋଇଥାଏ, ସେଠାରେ ମୋଟ କ୍ଷତିପୂରଣ ରାଶି ପ୍ରାସଙ୍ଗିକ କାରକ ଦ୍ୱାରା ଗୁଣିତ ସହ ସମାନ ମୃତକଙ୍କ ମାସିକ ଦରମାର ୫୦ ପ୍ରତିଶତ ସହ ସମାନ ହେବ । ଅଧିନିୟମର ଚତୁର୍ଥ ଅନୁସୂଚୀ ଅନୁଯାୟୀ ୨୪ ବର୍ଷ ପାଇଁ ପ୍ରଯୁଜ୍ୟ କାରକ ହେଉଛି ୨୧୮.୪୭ । ସମୁଦାୟ ଗଣନାକୁ ନିମ୍ନଲିଖିତ ଭାବରେ ଗଣନା କରାଯାଇଥିଲା: (୨୪୨୫ ର ୫୦ %) X ୨୧୮ .୪୭ = ୨,୬୪,୮୯୮.୮୭ ଟଙ୍କା । ପ୍ରଥମ

[1] ମାମଲା ସଂଖ୍ୟା . ୨୭୩ –ଘ/୨୦୦୪

[2] "ଏହି ଅଧିନିୟମ"

ପ୍ରତିବାଦୀଙ୍କୁ ୨, ୬୪, ୮୯୫/- ଟଙ୍କାର କ୍ଷତିପୂରଣ ସହିତ ଦୁର୍ଘଟଣା ତାରିଖ ଠାରୁ ଆଦାୟ ପର୍ଯ୍ୟନ୍ତ ବାର୍ଷିକ ୧୨% ସୁଧ ଦେବାକୁ ନିର୍ଦ୍ଦେଶ ଦିଆଯାଇଥିଲା ।

୫ ଆବେଦନ ଉପରେ, ଉଚ୍ଚ ନ୍ୟାୟାଳୟଙ୍କ ୩୦ ନଭେମ୍ବର ୨୦୧୮ ତାରିଖର ରାୟ ଅନୁଯାୟୀ କ୍ଷତିପୂରଣ ରାଶି କୁ ୧, ୯୮,୮୦୭ .୭୦ ଟଙ୍କାକୁ ହ୍ରାସ କରି ଅଧିନିର୍ଣ୍ଣିତ ରାଶି କୁ ପରିବର୍ତ୍ତନ କରିଥିଲେ ଏବଂ ସୁଧକୁ କ୍ଷତିପୂରଣ ତାରିଖ ଠାରୁ ଆଦାୟ ପର୍ଯ୍ୟନ୍ତ ୧୨ ପ୍ରତିଶତରୁ ୮ ପ୍ରତିଶତକୁ ହ୍ରାସ କରିଥିଲେ । କ୍ଷତିପୂରଣ ଦାବି ହ୍ରାସ କରିବାବେଳେ ଉଚ୍ଚ ନ୍ୟାୟାଳୟ ଏହି ଆଧାରରେ ଅଗ୍ରସର ହୋଇଥିଲେ ଯେ ମୃତ୍ୟୁ ସମୟରେ,ମୃତକଙ୍କ ଦରମା ମାସିକ ୨,୪୦୦ ଟଙ୍କା ଥିଲା ବୋଲି ଦର୍ଶାଇବାକୁ ନଥିରେ କୌଣସି ତଥ୍ୟ ନଥିଲା । ପରିଣାମତଃ ଉଚ୍ଚ ନ୍ୟାୟାଳୟ ୯୧୦ ଟଙ୍କାର ସର୍ବନିମ୍ନ ମଜୁରୀ ଆଧାରରେ କାର୍ଯ୍ୟବିଧି ଗ୍ରହଣ କରିଥିଲେ, ଯେଉଁଥିରେ ୨୧୮.୪୭ ର ଗୁଣକ ଲାଗୁ କରାଯାଇଥିଲା, ଯାହାର ଫଳସ୍ୱରୂପ ୧,୯୮,୮୦୭.୭୦ ଟଙ୍କାର ପୁନଃସଂଯୋଜିତ କ୍ଷତିପୂରଣ ସ୍ଥିର ହୋଇଥିଲା । ସୁଧ ସମ୍ବନ୍ଧରେ ନ୍ୟାୟାଳୟ କହିଛନ୍ତି ଯେ ଦୁର୍ଘଟଣା ଦିନ ଠାରୁ କ୍ଷତିପୂରଣ ଉପରେ ସୁଧ ପ୍ରଦାନ କରିବା ଲାଗି ଅଧିନିୟମରେ କୌଣସି ବ୍ୟବସ୍ଥା ନାହିଁ । ପରବର୍ତ୍ତୀ ସମୟରେ ସୁଧ ଦେୟ ଅଧିନିର୍ଣ୍ଣୟ ତାରିଖ ଠାରୁ ଆଦାୟ ପର୍ଯ୍ୟନ୍ତ ୧୨ ପ୍ରତିଶତରୁ ୮ ପ୍ରତିଶତକୁ ହ୍ରାସ ହୋଇଥିଲା । ରାୟ ବିରୋଧରେ ଦାଖଲ କରାଯାଇଥିବା ପୁନର୍ବିଚାର ଆବେଦନକୁ ୧ ଫେବୃଆରୀ ୨୦୧୯ ର ଏକ ଆଦେଶ ରେ ଖାରଜ କରାଯାଇଥିଲା ।

୬ ଆବେଦନକାରୀଙ୍କ ତରଫରୁ ଏହା ନିବେଦନ କରାଯାଇଛି ଯେ ସୁଧ ବାବଦରେ ନିଷ୍ପତ୍ତି ଅଧିନିୟମର ଧାରା ୪ (କ) ଦ୍ୱାରା ପରିଚାଳିତ ହେଉଛି ବୋଲି ବିଚାର କରିବାରେ ଉଚ୍ଚ ନ୍ୟାୟାଳୟ ସମ୍ପୂର୍ଣ୍ଣ ଭାବେ ବିଫଳ ହୋଇଛନ୍ତି । ଅଧିକନ୍ତୁ, ଏହା ନିବେଦନ କରାଯାଇଛି ଯେ ***ଉତ୍ତର ପୂର୍ବ କର୍ଣ୍ଣାଟକ***

***ସଡ଼କ ପରିବହନ ନିଗମ ବନାମ ସୁଜାଥା***[3] ରେ ଏହି  ନ୍ୟାୟାଳୟ ଦ୍ୱାରା ଏହି ପ୍ରସଙ୍ଗକୁ ବିଚାର କରାଯାଇଛି, ଯେଉଁଠାରେ ଏହା ଦର୍ଶାଯାଇଛି :

> "୨୦. …….. ଏଠାରେ ପ୍ରଶ୍ନ ଉଠୁଛି ଯେ ଅଧିନିୟମ ଅନୁଯାୟୀ କ୍ଷତିପୂରଣ ଦେୟ "କେବେ ପ୍ରାପ୍ୟ ହେବ" ଏବଂ ଫଳସ୍ୱରୂପ ଅଧିନିୟମ ଧାରା ୪-କ(୩) ଅନୁଯାୟୀ କେଉଁ ସମୟରୁ ପ୍ରଦାନ କରାଯାଉଥିବା ରାଶି ଉପରେ ସୁଧ ଦେୟ ହେବ, ତାହା ଆଉ ଅନିର୍ଣ୍ଣିତ ବିଷୟ ହୋଇ ରହିବ ନାହିଁ ଏବଂ  ଏହି ନ୍ୟାୟାଳୟର ଦୁଇଟି ନିଷ୍ପତ୍ତି ଦ୍ୱାରା ଏହା ବ୍ୟବସ୍ଥିତ ହୋଇଛି ।
>
> ୨୧. ୧୯୭୫ ମସିହାରେ ଏହି ନ୍ୟାୟାଳୟଙ୍କର ଏକ ଚାରିଜଣିଆ ବିଚାରପୀଠ ପ୍ରତାପ ନାରାୟଣ ସିଂ ଦେ ବନାମ ଶ୍ରୀନିବାସ ସାବତ ଏବଂ ଅନ୍ୟଜଣେ ମନୁ/ ଏସସି/ ୦୦୨୧/୧୯୭୫: (୧୯୭୬) ୧ ଏସସିସି ୨୮୯:ଏ. ଆଇ. ଆର. ୧୯୭୬ ଏସ. ସି. ୨୨୨ ମାମଲା ଜରିଆରେ ବିଚାରପତି ସିଙ୍ଘଲ କହିଛନ୍ତି ଯେ ନିଯୁକ୍ତି ଅବଧି ମଧ୍ୟରେ ଦୁର୍ଘଟଣାରେ ଶ୍ରମିକଙ୍କୁ ବ୍ୟକ୍ତିଗତ ଆଘାତ ହେବା ମାତ୍ରେ ଜଣେ ନିଯୁକ୍ତିଦାତା କ୍ଷତିପୂରଣ ଦେବାକୁ ଦାୟୀ ହେବେ । ତଦନୁସାରେ ଦୁର୍ଘଟଣାର ତାରିଖ ମହତ୍ତ୍ୱପୂର୍ଣ୍ଣ ହେବ, ଆଇନଗତ ନିର୍ଣ୍ଣୟର ତାରିଖ ନୁହେଁ" ।

୭ ଏହି ନ୍ୟାୟାଳୟ ସମ୍ମୁଖରେ କରାଯାଇଥିବା ଆବେଦନଗୁଡିକ ସୂଚୀତ କରେ ଯେ କିପରି  ବର୍ଷ ବର୍ଷ ଧରି ମକଦ୍ଦମା ପ୍ରକ୍ରିୟା ଚାଲିପାରେ ।  ଏହାର ପରିଣାମ ସ୍ୱରୂପ ଏକ ଗରିବ କୃଷକ ପରିବାର ୨୦୦୪ ମସିହା ରେ ଘଟିଥିବା ଦୁର୍ଘଟଣାରେ  ସେମାନଙ୍କ ପୁଅର ମୃତ୍ୟୁ ପାଇଁ  ଅଧିନିୟମ ଅଧୀନରେ ଶ୍ରମ ଆୟୁକ୍ତଙ୍କ ଦ୍ୱାରା ପ୍ରଦାନ କରାଯାଇଥିବା ୨,୬୪ ,୮୯୫  ଟଙ୍କାର କ୍ଷୁଦ୍ର କ୍ଷତିପୂରଣ  ରାଶିକୁ ସୁଦୃଢ  କରିବା ପାଇଁ ଦୀର୍ଘ ସମୟ ଧରି ଚାଲିଥିବା ଲଢ଼େଇରେ ହାରି ଯାଇଛନ୍ତି ।  ଆୟୁକ୍ତ  କ୍ଷତିପୂରଣ ପ୍ରଦାନ କରିବା ପରେ, ମୃତ କର୍ମଚାରୀଙ୍କ ପିତାମାତାଙ୍କୁ ପ୍ରଥମେ ଉଚ୍ଚ ନ୍ୟାୟାଳୟଙ୍କ ରାୟରେ  ବୀମାକାରୀଙ୍କ ଦ୍ୱାରା ଅଣାଯାଇଥିବା କାର୍ଯ୍ୟଧାରାକୁ ପ୍ରତିବାଦ କରିବାକୁ ପଡ଼ିଥିଲା ଏବଂ ପରେ ସେମାନେ ନିଜେ ସେହି ରାୟକୁ ଏହି ଅଦାଲତରେ ଆପତ୍ତି କରିଥିଲେ । ଏକ ଉଚ୍ଚ ଏବଂ ଶକ୍ତିଶାଳୀ ସରକାରୀ ବୀମା କମ୍ପାନୀ କେବେ ନିଜର ସାମାଜିକ ଚେତନାକୁ ବୁଝିବ ?  ଜଣେ କୃଷକ ଏବଂ ତାଙ୍କ ପତ୍ନୀଙ୍କୁ ଆଇନଗତ ପ୍ରକ୍ରିୟାର ଦୟା ଉପରେ ଛାଡ଼ି ଦିଆ ଯାଇଥିବାରୁ ଆମର ବିବେକ ଗଭୀର ଭାବେ ବ୍ୟଥିତ ହୋଇଛି । ମାତ୍ର ୨.୬୪ ଲକ୍ଷ ଟଙ୍କା କ୍ଷତିପୂରଣ ରାଶି ପ୍ରଦାନ ନକରି, ମୃତ ରୋଜଗାରିଆ ପୁଅର ପିତାମତାଙ୍କୁ ବୀମା କମ୍ପାନୀ, ଉଚ୍ଚ

[3] (୨୦୧୯) ୧୧ ଏସସିସି ୫୧୪

ନ୍ୟାୟାଳୟଙ୍କ ପାଖକୁ ଟାଣି ଆଣିବା ଉଚିତ କି ? ଏହା ଉପରେ,ଏକ ମୌଳିକ ପୁନର୍ବିଚାର କରିବାର ସମୟ ଆସିଛି । ମକଦ୍ଦମା ଯେତେବେଳ ପର୍ଯ୍ୟନ୍ତ ଉତ୍ପୀଡ଼ନ ଏବଂ ନିର୍ଯାତନା ପାଇଁ ଏକ ରଣନୀତି ଓ ଉତ୍ସ ହୋଇ ରହିବ ସେତେବେଳ ପର୍ଯ୍ୟନ୍ତ ମୋଟର ଦୁର୍ଘଟଣା ପୀଡ଼ିତମାନଙ୍କ ପରିବାର ଆଇନ ଅନୁଯାୟୀ ଅଧିକାରକୁ ଅନୁଭବ କରିପାରିବେ ନାହିଁ ।

୮ ବର୍ତ୍ତମାନର ମାମଲାରେ, ମୃତ ବ୍ୟକ୍ତି ମାସକୁ ୨,୪୦୦ ଟଙ୍କା ରୋଜଗାର କରୁଥିବାର ଆଧାରରେ ଏହି ଦାବି କରାଯାଇଥିଲା । ଏହି ଦାବି ଉପରେ ନିଯୁକ୍ତିଦାତା ବିବାଦ କରିନଥିଲେ । ଦୁର୍ଘଟଣା ସମୟରେ ମୃତକଙ୍କ ଦରମା ନିର୍ଦ୍ଧାରଣ କରିବା ଲାଗି କୌଣସି ତଥ୍ୟ ନଥିବାରୁ ଉଚ୍ଚ ନ୍ୟାୟାଳୟଙ୍କ ଅଧିନିର୍ଣ୍ଣିତ ରାଶି ହ୍ରାସ କରିବାର କୌଣସି ଆଧାର ନଥିଲା । ସର୍ବନିମ୍ନ ମଜୁରୀ ଆଧାରରେ ଅଗ୍ରସର ହେବାର କୌଣସି କାରଣ ନଥିଲା, ବିଶେଷ କରି ମୃତ ବ୍ୟକ୍ତିଙ୍କ ଦ୍ୱାରା ଅର୍ଜିତ ଦରମା ଆଧାରରେ କ୍ଷତିପୂରଣ ଦାବି କରିବାରେ ଯେତେବେଳେ କୌଣସି ଅପ୍ରୀତିକର କିମ୍ବା ଅତିରଞ୍ଜିତ ତଥ୍ୟ ନଥିଲା । ଦ୍ୱିତୀୟ ଉତ୍ତରଦାତା ତାଙ୍କର ଲିଖିତ ବିବୃତି ଏବଂ ଶପଥ ପତ୍ରରେ ଦର୍ଶାଇଛନ୍ତି ଯେ ମୃତ ସହାୟକ ମାସିକ ୨୪୦୦ ଟଙ୍କା ଦରମା ଗ୍ରହଣ କରୁଥିଲେ । ଏହି ବିବୃତିକୁ ଅସ୍ୱୀକାର କରାଯାଇନାହିଁ । ମୃତକ ଜଣେ ଅସଂଗଠିତ ଶ୍ରମିକ ଥିଲେ, ଯିଏକି ଦ୍ୱିତୀୟ ପ୍ରତିବାଦୀ ଅଧୀନରେ ପରିବହନ ବ୍ୟବସାୟରେ ସହାୟକ ଭାବେ କାମ କରୁଥିଲେ ଏବଂ ଦୁର୍ଘଟଣା ସମୟରେ ମାତ୍ର ୨୪୦୦ ଟଙ୍କାର ମଜୁରୀ ପାଉଥିଲେ । ଏପରି କର୍ମଚାରୀଙ୍କୁ ଦରମା ପ୍ରଦାନ ଉପରେ ରସିଦ ପ୍ରଦାନ କରାଯାଇ ନାହିଁ କିମ୍ବା ଏହା ଅନୁମାନ କରିବା ଯୁକ୍ତିଯୁକ୍ତ ନୁହେଁ ଯେ ନିଯୁକ୍ତିଦାତା ତାଙ୍କ କର୍ମଚାରୀଙ୍କୁ ଦରମା ପ୍ରଦାନ କରିବା ଲାଗି ରସିଦ ବଜାୟ ରଖିବେ । ଉଚ୍ଚ ନ୍ୟାୟାଳୟର ଏହା କହିବାର କୌଣସି କାରଣ ନଥିଲା ଯେ ପ୍ରଦାନ କରାଯାଇଥିବା ମଜୁରୀର ପରିମାଣ ନିର୍ଦ୍ଧାରଣ କରିବା ପାଇଁ କୌଣସି ତଥ୍ୟ ନଥିଲା ।

୯ ବାସ୍ତବରେ, ଆମର ସ୍ପଷ୍ଟ ମତ ଯେ, ବୀମା କମ୍ପାନୀ ଦ୍ୱାରା ମାମଲାର ତଥ୍ୟ ଆଧାରରେ ସ୍ୱଳ୍ପ ପରିମାଣର କ୍ଷତିପୂରଣ ରାଶି ସହିତ ଜଡ଼ିତ କୌଣସି ମାମଲାକୁ ଉଚ୍ଚ ନ୍ୟାୟାଳୟକୁ ନେବାର ଏବଂ ଏକ

ଗରିବ କୃଷକ ଏବଂ ତାଙ୍କ ପତ୍ନୀ ଯିଏ ପରିବାରର ଏକ ରୋଜଗାରକ୍ଷମ ସଦସ୍ୟଙ୍କର ଆଶ୍ୱାସନା ହରାଇଛନ୍ତି ତାଙ୍କୁ ଏକ ଦୀର୍ଘ ଦିନର ମକଦ୍ଦମାକୁ ଟାଣିବାର କୌଣସି ଯଥାର୍ଥତା ନଥିଲା । ତେଣୁ, ଏବଂ ଆମେ ସୂଚିତ କରିଥିବା କାରଣଗୁଡିକ ପାଇଁ, ଉଚ୍ଚ ନ୍ୟାୟାଳୟଙ୍କ ରାୟ ଓ ଆଦେଶକୁ ରଦ୍ଦ କରିବାକୁ ପଡ଼ିବ ବୋଲି ଆମର ଏହା ମତ ଅଟେ । ଏହି ଅଧିନିୟମ ୨(ଡ) ରେ 'ମଜୁରି'କୁ ବ୍ୟାଖ୍ୟା କରେ ଯେ "ଏପରି କୌଣସି ବିଶେଷାଧିକାର କିମ୍ବା ଲାଭ ସହିତ ଯୋଡ଼ାଯାଇଛି, ଯାହାକି ଯାତ୍ରା ଭତ୍ତା କିମ୍ବା ଯାତ୍ରା ରିହାତିର ମୂଲ୍ୟ ବ୍ୟତୀତ ଅର୍ଥରେ ଆକଳନ କରାଯାଇପାରିବ କିମ୍ବା କୌଣସି ଅବସରକାଳୀନ ଭତ୍ତା କିମ୍ବା ଭବିଷ୍ୟନିଧି ପାଣ୍ଠି ପ୍ରତି ଏକ ନିଯୁକ୍ତିଦାତାଙ୍କ ଦ୍ୱାରା [କର୍ମଚାରୀ] ଙ୍କୁ ପ୍ରଦାନ କରାଯାଇଥିବା ଅବଦାନ କିମ୍ବା ତାଙ୍କ ଚାକିରି ପ୍ରକୃତି ଦ୍ୱାରା ତାଙ୍କ ଉପରେ ଜଡ଼ିତ କୌଣସି ବିଶେଷ ଖର୍ଚ୍ଚ ବହନ କରିବାକୁ ଜଣେ [କର୍ମଚାରୀ]ଙ୍କୁ ପ୍ରଦାନ କରାଯାଇଥିବା ଅର୍ଥ"। ତେଣୁ ନିଯୁକ୍ତିଦାତାଙ୍କ ଦ୍ୱାରା ଖାଦ୍ୟ ଖର୍ଚ୍ଚ ଭାବେ ପ୍ରଦାନ କରାଯାଉଥିବା ୨୫ ଟଙ୍କା ସେହି ସ୍ୱତନ୍ତ୍ର ଖର୍ଚ୍ଚ ମଧ୍ୟରେ ଆସିବ, ଯାହା ସେ ତାଙ୍କ ଚାକିରିର ପ୍ରକୃତି ଆଧାରରେ ପାଇବାର ହକଦାର, ଯାହାକୁ ଏହି ବ୍ୟବସ୍ଥାରେ ବିଶେଷ ଭାବେ ବାଦ ଦିଆଯାଇଛି । ତେଣୁ ମୋଟ କ୍ଷତିପୂରଣ ରାଶି ନିମ୍ନମତେ ଦିଆଯିବ: (୨୪୦୦ ଟଙ୍କାର ୫୦ପ୍ରତିଶତ) x ୨୧୮.୪୭ = ୨,୬୨,୧୬୪ ଟଙ୍କା । ପ୍ରଥମ ଉତ୍ତରଦାତାଙ୍କୁ ଦୁର୍ଘଟଣା ତାରିଖଠାରୁ ଅର୍ଥ ରାଶି ପାଇବା ପର୍ଯ୍ୟନ୍ତ ୧୨ ପ୍ରତିଶତ ସୁଧ ସହିତ ୨, ୬୨, ୧୬୪ ଟଙ୍କା ଦେବାକୁ ନିର୍ଦ୍ଦେଶ ଦିଆଯାଇଛି ।

୧୦ ଘଟଣାକ୍ରମେ ଯଦି ବୀମାକାରୀ ଶ୍ରମ ଆୟୁକ୍ତଙ୍କ ଆଦେଶ ଅନୁଯାୟୀ ପ୍ରଦାନ କରିବାକୁ ଥିବା କ୍ଷତିପୂରଣର କୌଣସି ଅଂଶକୁ ପ୍ରଦାନ କରିଥାଏ, ତେବେ ତାହା ଦେୟ ଏବଂ ଦେବାକୁ ଥିବା ବଳକା ରାଶିର ଗଣନାରେ ଉଚିତ ଶ୍ରେୟ ପ୍ରଦାନ କରାଯିବ । ଏହି ଆଦେଶ ତାରିଖ ଠାରୁ ଏକ ମାସ ମଧ୍ୟରେ ଆବେଦନକାରୀଙ୍କୁ ବଳକା ଅର୍ଥ ପ୍ରଦାନ କରାଯିବ । ଆୟୁକ୍ତ ବ୍ୟକ୍ତିଗତ ଭାବେ ଏହା ସୁନିଶ୍ଚିତ କରିବେ ଯେ ଏହି ଅର୍ଥ ଆବେଦନକାରୀଙ୍କୁ ପ୍ରଦାନ କରାଯାଉ । ଏହା ସହିତ ଆବେଦନକାରୀମାନେ ସେମାନଙ୍କ ଖର୍ଚ୍ଚ

ଏବଂ ନିମ୍ନ ଅଦାଲତ  ଗୁଡିକରେ  କରାଯାଇଥିବା ଆଇନଗତ କାର୍ଯାନୁଷ୍ଠାନ ଗୁଡିକର ଖର୍ଚ୍ଚ ବହନ କରିବା ଲାଗି ୧ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଖର୍ଚ୍ଚ ପାଇଁ ହକଦାର ହେବେ ।

୧୧   ଉପରୋକ୍ତ ସର୍ତ୍ତରେ ଆବେଦନଗୁଡିକୁ ମଞ୍ଜୁର କରାଗଲା ।

୧୨   ବିଚାରାଧୀନ ଆବେଦନଗୁଡିକ, ଯଦି କିଛି ଥାଏ, ନିକାଶ  କରାଗଲା ।

**....................................ନ୍ୟାୟମୂର୍ତ୍ତି**

**[ଡ. ଧନଞ୍ଜୟ ୱାଇ ଚନ୍ଦ୍ରଚୂଡ଼]**

**.................................... ନ୍ୟାୟମୂର୍ତ୍ତି**

**[ଏ. ଏସ. ବୋପାନ୍ନା]**

ନୂଆଦିଲ୍ଲୀ;
୧୧ ଡିସେମ୍ବର, ୨୦୨୧

**ବିଷୟ ସଂଖ୍ୟା-୧୭ ଅଦାଲତ ୪(ଆଭାସୀ ମାଧମ ଦ୍ୱାରା) ବିଭାଗ ୧୧- କ**

**ଭାରତର ସର୍ବୋଚ୍ଚ ନ୍ୟାୟାଳୟ**
**କାର୍ଯ୍ୟବିଧି ର ଅଭିଲେଖ**

**ବିଶେଷ ଅନୁମତି ଆବେଦନ (ସି) ସଂଖ୍ୟା ୧୬୩୧୬-୧୬୩୧୭/୨୦୧୯ ସକାଶେ ସମୂହ ଆବେଦନ**

**(ଏଫଏଓ ସଂଖ୍ୟା ୩୦୫/୨୦୧୬ ଏବଂ ସମୀକ୍ଷା ଆବେଦନ ସଂଖ୍ୟା ୨୬୧/୨୦୧୮ ରେ ଓଡ଼ିଶା ଉଚ୍ଚ ନ୍ୟାୟାଳୟ, କଟକଙ୍କ ଦ୍ୱାରା ଯଥାକ୍ରମେ ୩୦.୧୧.୨୦୧୮ ଏବଂ ୦୧.୦୨.୨୦୧୯ ତାରିଖରେ ପାରିତ ଆକ୍ଷେପିତ ଚୂଡ଼ାନ୍ତ ରାୟ ଏବଂ ଆଦେଶରୁ ଉପୂନ୍ନ)**

ଶାନ୍ତିଲତା ସେଠୀ ଏବଂ ଅନ୍ୟଜଣେ ଆବେଦନକାରୀମାନେ

ବନାମ

ମେସର୍ସ ଡିଭିଜିନାଲ ମ୍ୟାନେଜର, ନିୟୁ ଇଣ୍ଡିଆ
ଆସ୍ୟୁରାନ୍ସ କମ୍ପାନୀ ଲିମିଟେଡ ଏବଂ ଅନ୍ୟଜଣେ ଉତ୍ତରଦାତାମାନେ

ତାରିଖ:୧୧-୧୨-୨୦୨୧ ଏହି ଆବେଦନଗୁଡ଼ିକ ଆଜି ଶୁଣାଣି ପାଇଁ ଡକାଯାଇଥିଲା ।

ବିଦ୍ୟମାନ:

ମାନ୍ୟବର ନ୍ୟାୟମୂର୍ତ୍ତି ଡି. ୱାଇ. ଚନ୍ଦ୍ରଚୂଡ଼
ମାନ୍ୟବର ନ୍ୟାୟମୂର୍ତ୍ତି ଏ. ଏସ. ବୋପାନ୍ନା

ଆବେଦନକାରୀମାନଙ୍କ ତରଫରୁ

ଶ୍ରୀଯୁକ୍ତ ଅନିରୁଦ୍ଧ ସାଙ୍ଗନେରିଆ, ଏଓଆର

**ଉତ୍ତରଦାତାମାନଙ୍କ ତରଫରୁ**

**ଶ୍ରୀଯୁକ୍ତ ଅଭିଷେକ ଗୋଲା, ଓକିଲ**
**ଶ୍ରୀଯୁକ୍ତ ବୀରେଶ ବି. ସାହାରିଆ, ଏଓଆର୍**
**ଶ୍ରୀଯୁକ୍ତ ଅକ୍ଷତ ଅଗ୍ରୱାଲ, ଓକିଲ**
**ଶ୍ରୀଯୁକ୍ତ ଅଂଶୁଲ ମେହରାଲ, ଓକିଲ**

**ଓକିଲଙ୍କୁ ଶୁଣିବା ପରେ ନ୍ୟାୟାଳୟ ନିମ୍ନଲିଖିତ ଆଦେଶ ଜାରି କରିଥିଲେ ।**

୧ ଅନୁମତି ପ୍ରଦାନ କରାଗଲା ।

୨ ସ୍ୱାକ୍ଷରିତ ସୂଚିତଯୋଗ୍ୟ ରାୟ ଆଧାରରେ ଆବେଦନ ଗୁଡିକୁ ଅନୁମତି ଦିଆଯାଇଛି ।

୩ ବିଚାରାଧୀନ ଆବେଦନ ଯଦି କିଛି ଥାଏ, ତାହା ନିକାଶ କରାଗଲା ।

**(ଚେତନ କୁମାର)** **(ସରୋଜ କୁମାରୀ ଗୌର)**
**ଏ.ଆର. ତଥା ପି.ଏସ୍.** **ନ୍ୟାୟାଳୟ କର୍ତ୍ତା**

**(ସ୍ୱାକ୍ଷରିତ ସୂଚିତଯୋଗ୍ୟ ରାୟ ନଥିରେ ରଖାଯାଇଛି)**

**ଅସ୍ୱୀକରଣ**

"ଉପଭାଷାରେ ଅନୁବାଦିତ ରାୟ କେବଳ ମକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଞ୍ଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ | ସମସ୍ତ ବ୍ୟବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ |"

Translated by

Tapaswini Biswal

High Court of Orissa, Cuttack.